ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୯ ଅକ୍ଟୋବର ୨୦୧୪

ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ ସ୍ୱଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

ଧାରାବାହିକ ଆଲୋଚନା

ଓଡ଼ିଆ ସାହିତ୍ୟର ଅଭିନବ ଇତିହାସ

ଡକ୍ଟର ବେଣୁଧର ପାଢ଼ୀ

ବାସୁଦେବ ସାହୁ (୧୯୩୩) : ସ୍ୱାଧୀନ ଦେଶର ରାଜନୀତିରେ ସୃଷ୍ଟି ହୋଇଥିବା ନାନାବିଧ ସଂକଟ ତଥା ତଜ୍ଜନିତ ସମସ୍ୟାକୁ ଭିତ୍ତିକରି କେତୋଟି ସମ୍ବେଦୀ ଉପନ୍ୟାସ ରଚନା କ୍ଷେତ୍ରରେ ସଫଳତା ଅର୍ଜନ କରିଛନ୍ତି କଥାଶିଳ୍ପୀ ବାସୁଦେବ ସାହୁ । ସିଂହାସନ, ଅନୁରାଗ, ଭିନ୍ନ ଏକ ସୂର୍ଯ୍ୟୋଦୟ ତଥା ଭୂମିପୁତ୍ର ଉପନ୍ୟାସ ପଭୃତି ତନ୍ମଧ୍ୟରେ ଅନ୍ୟତମ । ଏସବୁ ବ୍ୟତୀତ ତାଙ୍କର ମଧ କେତୋଟି ମୁଖପାଠ୍ୟ ଓ ସମାଦୃତି ଗଳ୍ପ ସଂକଳନ ରହିଛି - ଯାହା କଳାତ୍ମକ ଉତ୍କର୍ଷତା ଅର୍ଜନରେ ଅବଶ୍ୟ ହୋଇଛି ସମର୍ଥ । ସେଗୁଡ଼ିକ ମଧ୍ୟରେ ରହିଛି ସୂର୍ଯ୍ୟାବର୍ତ୍ତ, ବିବସ ବିଶ୍ୱକର୍ମା, ପ୍ରତିମୂର୍ତ୍ତି, ଅସ୍ତସୂର୍ଯ୍ୟ, ଛିନ୍ନରାଗ ଓ କେତୋଟି ପ୍ରେମକଥା ଇତ୍ୟାଦି ଉଲ୍ଲେଖନୀୟ କଥା ସଂଗ୍ରହ ।

ନାରାୟଣ ମହାପାତ୍ର (୧୯୩୩): ଆଦିବାସୀ ଜନଜୀବନର ବିବିଧ ପ୍ରସଙ୍ଗକୁ କେନ୍ଦ୍ର କରି ଗଢ଼ି ଉଠିଛି କଥାକାର ନାରାୟଣ ମହାପାତ୍ରଙ୍କ ସାରସ୍ୱତ ଶିଳ୍ପର ବୁନିୟାଦ । ଉପନ୍ୟାସରେ ଦଳିତଙ୍କ ସମସ୍ୟା ସମେତ ଶୋଷଣ ବିରୋଧୀ ମୃଦୁ ପ୍ରତିବାଦର ସ୍ୱର ତାଙ୍କ କଥାବସ୍ତୁକୁ ପ୍ରଦାନ କରିଛି ଏକ ବିଶେଷ ସାମାଜିକ ଅଙ୍ଗୀକାର ବଦ୍ଧତା । କାଡ଼େ ଗୋମାଙ୍ଗ, ନମସ୍ତେ ରିକ୍ସାବାଲା, ଅଶରୀରୀର ତୃଷ୍ଣା, ଯୋଗ ବିଯୋଗ ଏବଂ ସବୁଜ ଉପତ୍ୟାକା ପ୍ରଭୃତି ଉପନ୍ୟାସ ଲେଖକଙ୍କ ଶିଳ୍ପୀପ୍ରାଣର ସମ୍ବେଦନଶୀଳ ଚିତ୍ର ଉପସ୍ଥାପନରେ ହୋଇଛି ସକ୍ଷମ ।

ମନୋଜ ଦାସ(୧୯୩୪): ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟର ସମର୍ଥ ସବ୍ୟସାଚୀ ଏବଂ ଅପରାଜେୟ ସାରସ୍ୱତ ମହାରଥୀର ଶ୍ରେୟ କେବଳ ପ୍ରାପ୍ୟ ମହାମାନ୍ୟ ମନୋଜ ଦାସଙ୍କର ! ଭାଷାରେ ଅପୂର୍ବ ବ୍ୟଞ୍ଜନା ଓ ଉପସ୍ଥାପନରେ ଅଲୌକିକ ଚମତ୍କାରିତା, ପରିବେଶ ନିର୍ମାଣରେ ନାଟକୀୟ ଦକ୍ଷତା- ତାଙ୍କ କଥାର 'ଭାବଭୂମି'କୁ କରିଥାଏ ସାନ୍ଦ୍ର, ନିବିଡ଼ ଏବଂ ଶାଣିତ ଦ୍ୟୋତନାରେ ଅଭିଷିକ୍ତ ! ଚରିତ୍ର ଚିତ୍ରଣରେ ଅଦ୍ଭୁତ କୁଶଳତା ଓ ଦକ୍ଷ ତାଙ୍କର ଶିଳ୍ପ ଚାତୁର୍ଯ୍ୟ, ସମୁଦାୟ କଥାପକ୍ଷକୁ ପ୍ରଦାନ କରିଥାଏ ଏମିତି ଏକ ନିଟୋଳ ଅଥଚ ଚମକପ୍ରଦ ଚୁମ୍ବକୀୟ ବିମୁଗ୍ଧ ବିଭୂଷଣ; ଯାହା ତାଙ୍କର ସାମଗ୍ରିକ କଥାଶିଳ୍ପର କଳାତ୍ମକତାକୁ ପ୍ରଦାନ କରିଥାଏ ଉଚ୍ଚତର ଉତ୍କର୍ଷତାରେ ପାଠକୀୟ ତନ୍ମୟତା । ଶାଣିତ ବିଦ୍ରୁପର ନିରବ କଟାକ୍ଷ ତାଙ୍କ କଥାବସ୍ତୁର ଆବେଦନକୁ କରିଥାଏ ସଦା ମାର୍ମିକ ଏବଂ ତୀବ୍ର । ଆଧୁନିକ ଓଡ଼ିଆ କଥା ସାହିତ୍ୟର ଇତିହାସରେ ସେ ହେଉଛନ୍ତି ମୁକୁଟବିହୀନ ସମ୍ରାଟ, ଯାହାଙ୍କର ଖ୍ୟାତି ଉତ୍କଳର ପରିଧିକୁ ଅତିକ୍ରମ କରି ଜାତୀୟ ଏବଂ ଆର୍ନ୍ତଜାତୀୟ ସ୍ତରରେ ମଧ ଲାଭ କରିଛି ଆତ୍ମପ୍ରତିଷ୍ଠା ! ଚଟୁଳ ଓ ଶକ୍ତିଶାଳୀ ଭାଷାର ସେ ହେଉଛନ୍ତି ଜଣେ ବିଚକ୍ଷଣ ବିନ୍ଧାଣୀ, ଯାହାଙ୍କ ପ୍ରତିଟି ଶବ୍ଦରେ ନିହିତ ଥାଏ ଅନନ୍ତ ଉଦ୍‌ବୋଧନର ବିସ୍ଫୋରକ ଶକ୍ତି ! 'ବୁଲ୍‌ଡୋଜର୍ସ', 'ପ୍ରଭଞ୍ଜନ', 'ଗୋଧୂଳିର ବାଘ', 'ଅମୃତଫଳ' ତଥା 'ଆକାଶର ଇସାରା' ପ୍ରଭୃତି ଉପନ୍ୟାସ - ଓଡ଼ିଆ ସାରସ୍ୱତ ପରମ୍ପରାର ଏକ ଏକ ବିରଳ ଓ ବହୁଚର୍ଚ୍ଚିତ ଅନବଦ୍ୟ କୃତି ! ୨୦୦୬ ମସିହାରେ 'ଅମୃତଫଳ' ଉପନ୍ୟାସ ନିମନ୍ତେ ଜାତୀୟସ୍ତରର 'ସରସ୍ୱତୀ ସମ୍ମାନ' ଲାଭ କରିଛନ୍ତି କାଳଜୟୀ କଳାପୁରୁଷ ମନୋଜ ଦାସ ।

ଉପନ୍ୟାସ ତହୁଁ ସର୍ବାଧିକ ସିଦ୍ଧିର ଅଧିକାରୀ ହେଉଛନ୍ତି ସେ କ୍ଷୁଦ୍ରଗଳ୍ପ ରଚନା କ୍ଷେତ୍ରରେ ! କ୍ଷୁଦ୍ରଗଳ୍ପ ରଚନାର ଇତିହାସରେ ସଂଯୁକ୍ତ କରିଦେଇଛନ୍ତି ଏକ ଅନତିକ୍ରମଣୀୟ ଅଧ୍ୟାୟ, ଯା'ର ଶୈଳ୍ପିକ ବିଳାସର ଜ୍ୟୋତିର୍ମୟ ଦ୍ୟୁତି- ଆଗାମୀ ଅନେକ କାଳ ପର୍ଯ୍ୟନ୍ତ, ଓଡ଼ିଆ ସାରସ୍ୱତ ଆକାଶର ସମୁଦାୟ ପରିଧିକୁ ମନୋଜୀୟ 'ବିଭା'ରେ କରି ରଖିଥିବ ବିଭୂଷିତ, ଆଚ୍ଛନ୍ନ ଏବଂ ଅଭିଷିକ୍ତ । ଗଳ୍ପରେ ସେ କାଳଜୟୀ କୃତବିଦ୍ୟ ଅଦ୍ୱିତୀୟ କାରିଗର... ଉତ୍କଳ ଜନନୀର ସୁଯୋଗ୍ୟ ସନ୍ତାନ । ସମ୍ଭ୍ରାନ୍ତ, ଶୀଳ, କାନ୍ତ ଓ କମନୀୟ 'କଥା'ର କୌଳିନ୍ୟ- ତାଙ୍କ ଗଳ୍ପର ବିଶେଷ ଭୂଷଣ । ଅବିକଳ୍ପ ସିଦ୍ଧି ଓ ଅନନ୍ୟ ସାଧନାରେ ତାଙ୍କ ଗଳ୍ପଜଗତ ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛି ଯେଉଁ ସୁବର୍ଣ୍ଣ ଅଧ୍ୟାୟ, ତାହା ମନୋଜୀୟ ସ୍ୱାକ୍ଷରରେ ସମୁଜ୍ଜ୍ୱଳ ଓ ଦୀପ୍ତିମନ୍ତ ହୋଇ ରହିବ ଚିରକାଳ ! 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ', 'ଅବୋଲକରା କାହାଣୀ', 'ସମୁଦ୍ର କୂଳର ଏକ ଗ୍ରାମ', 'ଅରଣ୍ୟ ଉଲ୍ଲାସ' ପ୍ରଭୃତି କଥାଗ୍ରନ୍ଥ ହେଉଛି ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି । ଏହି ଯୁଗପୁରୁଷଙ୍କୁ ୧୯୬୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ କରିଛି ଗଳ୍ପପୁସ୍ତକ 'ଆରଣ୍ୟକ' ପାଇଁ ! ୧୯୭୨ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ 'କଥା ଓ କାହାଣୀ' ପାଇଁ ପୁରସ୍କାର ପ୍ରଦାନ କରିଥିବା ସ୍ଥଳେ ୧୯୮୧ରେ ସାରଳା ପୁରସ୍କାର ଲାଭ କରିଛନ୍ତି ସେ 'ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' ଗଳ୍ପ ସଂକଳନ ପାଇଁ । ୧୯୯୫ ମସିହାରେ ପ୍ରାପ୍ତ ହୋଇଛନ୍ତି ସେ ସାହିତ୍ୟ ଭାରତୀ ସମ୍ମାନ ସତ, ମାତ୍ର ସେ ସବୁ ସମ୍ମାନ ଓ ପୁରସ୍କାରର ଉର୍ଦ୍ଧ୍ୱରେ ଅଧିଷ୍ଠିତ ଓଡ଼ିଆ ଜାତିର କୁଳପୁରୁଷ ରୂପେ କୋଟି ଓଡ଼ିଆର ପ୍ରାଣରେ, ରକ୍ତରେ ଓ ଧମନୀରେ ସଦା ସ୍ମୃତିସଜଳ ବର୍ତ୍ତମାନର ଏକ ଆଲୋକବର୍ତ୍ତିକା ରୂପେ- ପୂଜ୍ୟ ଓ ସଦା ନମସ୍ୟ ହୋଇ ରହିବେ ।

ଦଶରଥ ସାମଲ(୧୯୩୪): ସାମାଜିକ ଜୀବନର ସଜଳ ଚିତ୍ରକୁ ସାଇତି ରଖିବାରେ ସଦା ସଚେଷ୍ଟ ଶିଳ୍ପୀ ଓ ସ୍ରଷ୍ଟାପୁରୁଷ ଦଶରଥ କଥାଜଗତ, ରାତିହେଲା ଶେଷ, ବିଧୂବରଣ, ସମାନ୍ତର, ଫୁଟା ଫୁଣ, ବୈଶାଖୀ ଘୂର୍ଣ୍ଣି, ନୀଳ ସିନ୍ଧୁର ଉପକଣ୍ଠ, ମନର ତଳେ ତଳେ, ସେ ନାରୀ ବନ୍ଦନୀୟା, ସ୍ଥିର ତରଙ୍ଗ, ଯୋଗାଯୋଗ, ଶେଷ ରାତିର ଜହ୍ନ, ମେଘ ମେଦୁର ଆକାଶ, ଝରା ପତ୍ରର ମର୍ମର, ତଥା ଅସ୍ତସୂର୍ଯ୍ୟର ଛାଇ ପ୍ରଭୃତି ଉପନ୍ୟାସ - ଶ୍ରୀଯୁକ୍ତ ସାମଲଙ୍କ ଲେଖକୀୟ ସାର୍ଥକତାର ସ୍ୱାକ୍ଷର ବହନ କରେ ।

କୃଷ୍ଣଚନ୍ଦ୍ର ମିଶ୍ର(୧୯୩୪): ଜଣେ ସମାଜ ସଂସ୍କାରକ କଥାଶିଳ୍ପୀ ରୂପେ କୃଷ୍ଣଚନ୍ଦ୍ର ମିଶ୍ରଙ୍କର ରହିଛି ଏକ ବିଶେଷ ଜୀବନବାଦୀ ଦୃଷ୍ଟିଭଙ୍ଗୀ । ତାଙ୍କ ରଚିତ ଓ ପ୍ରକାଶିତ ଗଳ୍ପ ସଂକଳନ ଦୁଇଟି ହେଉଛି 'ନିବୁଜ ଘର' ଓ 'ସ୍ୱଭାବେ ନାରୀଜନ୍ମ ପାଇ' - ଯେଉଁଥିରେ ଭରି ରହିଛି ଘନ ନିବିଡ଼ ମାନବିକଚେତନାର ପ୍ରାଣସ୍ପନ୍ଦନ ଓ ସାମାଜିକ ଦୁଃସ୍ଥିତିର ନିଟୋଳ ଚିତ୍ରଦୃଶ୍ୟ ।

ମଦନ ମୋହନ ମିଶ୍ର(୧୯୩୪): ଉପନ୍ୟାସରେ ଏକ ଶ୍ରଦ୍ଧାନାମ ହେଉଛନ୍ତି ସାରସ୍ୱତ ଶିଳ୍ପୀ ମଦନ ମୋହନ ମିଶ୍ର । ତାଙ୍କ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି 'ବହ୍ନିବଳୟ' ଏବଂ ଋତୁପର୍ଣ୍ଣା ନାମରେ ଦୁଇଟି ସଫଳ କୃତି । ୧୯୮୯ ମସିହାରେ ବହ୍ନିବଳୟ ନିମନ୍ତେ ଶ୍ରୀଯୁକ୍ତ ମିଶ୍ରଙ୍କୁ ପୁରସ୍କୃତ କରିଛି ଓଡ଼ିଶା ସାହିତ୍ୟ ଏକାଡେମୀ ଏତଦ୍‌ବ୍ୟତୀତ ୧୧ଟି ଗଳ୍ପକୁ ନେଇ ଲେଖକଙ୍କର 'ଏକାଦଶୀ' ନାମକ ରହିଛି ଅନ୍ୟ ଏକ ଗଳ୍ପ ସଂକଳନ ।

ସୁରେନ୍ଦ୍ରନାଥ ଶତପଥୀ(୧୯୩୪-୨୦୧୦): ପୁରାଣ ଚରିତ୍ର ଏବଂ କଥାବସ୍ତୁ କଥାର ପ୍ରସଙ୍ଗ ଭାବରେ ଗ୍ରହଣ କରି ଲେଖକ ସୁରେନ୍ଦ୍ରନାଥ ରଚନା କରିଛନ୍ତି ଅନେକ ସୁଖପାଠ୍ୟ ଉପନ୍ୟାସ । ପ୍ରକାଶିତ ତାଙ୍କର ଚର୍ଚ୍ଚିତ ଉପନ୍ୟାସ ଗୁଡ଼ିକ ହେଉଛି ମନ୍ଥରା, ଜାନକୀ, ରାବଣ, ଶର୍ମିଷ୍ଠା, ଯୋଜନଗନ୍ଧା, କୁନ୍ତୀ, କର୍ଣ୍ଣ, କୃଷ୍ଣା ଇତ୍ୟାଦି । ଆମ୍ବପାଲୀ, କ୍ରନ୍ଦସୀ ପାଷାଣୀ, ବାସବଦତ୍ତା, ହଳଦୀଘାଟରେ ସନ୍ଧ୍ୟା, ନାମରେ ଇତିହାସନିଷ୍ଠ କେତୋଟି ଗଳ୍ପ ସଂକଳନ ମଧ ତାଙ୍କ ଲେଖକୀୟ ପ୍ରଖ୍ୟାତିକୁ ପ୍ରତିପାଦିତ କରିଥାଏ ।

ଏକାଦଶୀ ପ୍ରସାଦ ବୋଇତାଇ(୧୯୩୪-୨୦୧୦): ଯୋଜନଗନ୍ଧା, ଉପେକ୍ଷିତ ନାୟକ, ନିଃସଙ୍ଗଯାତ୍ରୀ, ଶୁଣିବାକୁ ଲାଜ, ପାହାଡ଼ ସେପାଖ ନଇ, ଅସରନ୍ତି ଅନ୍ଧକାର, ସବୁଜସ୍ୱପ୍ନ ଇତ୍ୟାଦି ଉପନ୍ୟାସର ସ୍ରଷ୍ଟାପୁରୁଷ ହେଉଛନ୍ତି ଏକାଦଶୀ ପ୍ରସାଦ ଏତଦ୍‌ଭିନ୍ନ ଅନେକ ପ୍ରଶ୍ନ, ପଦ୍ମତୋଳା ଏବଂ ନିଃସଙ୍ଗ ଅଭିଯାନ ନାମରେ ରହିଛି ତାଙ୍କ ରଚିତ ୩ଟି ଗଳ୍ପ ସଂକଳନ ।

ଅବନୀ କୁମାର ବରାଳ(୧୯୩୪-୨୦୧୩): ଜଣେ ସଫଳ ଶିକ୍ଷକ ଏବଂ ଶିକ୍ଷକ ନେତା ହୋଇଥିବା ସତ୍ତ୍ୱେ ସାରସ୍ୱତ ସୃଜନ କ୍ଷେତ୍ରରେ ସେ ଜଣେ ଅସଫଳ କଥାକାର । ପ୍ରକାଶ ପାଇଥିବା ତାଙ୍କ ଉପନ୍ୟାସ ଗୁଡ଼ିକ ହେଲା - 'ପ୍ରେମର ଅନ୍ୱେଷଣରେ ଗୋଟିଏ ତରୁଣୀ', 'ମଞ୍ଚକନ୍ୟାର କାହାଣୀ', 'ଅପରାହ୍ଣର ଛାୟା', 'ସଂଳାପ : ନିର୍ଜନତାର' ଓ 'ମାୟାବିନୀ ମଞ୍ଚ' ପ୍ରଭୃତି କେତୋଟି ପ୍ରମୁଖ ସୃଷ୍ଟି । ଏତଦ୍‌ବ୍ୟତୀତ ଜାରଜ, ଉତ୍ତର ବସନ୍ତ, ତଥା ଭିନ୍ନ ସ୍ୱାଦର ଗଳ୍ପ ନାମରେ ରହିଛି ତାଙ୍କ ରଚିତ କେତୋଟି ଗଳ୍ପଗ୍ରନ୍ଥ ।

ଚୌଧୁରୀ ହେମକାନ୍ତ ମିଶ୍ର (୧୯୩୪-୨୦୦୫): ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୂପର ଶ୍ଳେଷ ଜନିତ ସଂଯୋଜନା ହେମକାନ୍ତଙ୍କ ଗଳ୍ପଜଗତକୁ ପ୍ରଦାନ କରିଛି ଏକ ବିଶେଷ ପରିପାଟୀ । ଉଭୟ କଥାବସ୍ତୁ ଏବଂ କଳାତ୍ମକତାର ଆତବଦନ ଦୃଷ୍ଟିରୁ ତାଙ୍କର ପ୍ରତ୍ୟେକଟି ଗଳ୍ପ ଉତ୍କର୍ଷତାର କୋଟୀ ସ୍ପର୍ଶ କରିବାକୁ ହୋଇଛନ୍ତି ସମର୍ଥ । ସାମାଜିକ ବିଡ଼ମ୍ବନା, ବ୍ୟବସ୍ଥାଗତ ବିଦ୍ରୋହର ଶାଣିତ ସାରସ୍ୱତ ଚେତାବନୀ । ଚୂଡ଼ାନ୍ତ ସାର୍ଥକତାର ଅଧିକାରୀ ତାଙ୍କର ଗଳ୍ପ ସଂକଳନ ଗୁଡ଼ିକ ମଧ୍ୟରେ ରହିଛି 'ଅଘଟଣ ସଂକଳନ', 'ହସକୁରା କଥାମାନ', 'ନିଷିଦ୍ଧ ପୁସ୍ତକ', 'କୁରୁଳିଆ [illegible]', 'ହେମକାନ୍ତଙ୍କ ହସଗୋଲା', 'ହାସ ପରିହାସ', 'ଶ୍ରେଷ୍ଠ ବ୍ୟଙ୍ଗ ସଂକଳନ' ତଥା 'ଚୌଧୁରୀ [illegible] ଗଳ୍ପ' ପ୍ରଭୃତି ।

♥ [illegible]ଡି., ଯୁ.ଏନ. କଲେଜ, ଅଡଶପୁର, କଟକ-୭୫୪୦୧୧, ଫୋନ:୯୨୩୮୫୭୮୫୬୩